# ଭାରତର ପ୍ରଥମ ସମାଜବାଦୀ ସଂଗଠନ: ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ

**ବୀରେନ୍ଦ୍ର ନାୟକ**

ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କର ଉଦ୍ୟମରେ 'ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ' ପ୍ରତିଷ୍ଠା ହୋଇଥିଲା, ଜଗତସିଂହପୁରର ତରିକୁନ୍ଦ ବା ଅଣଖିଆ କୃଷି ଫାର୍ମଠାରେ, ୧୯୩୩ ମସିହା ଫେବୃଆରୀ ମାସରେ ଏକ ଗୋପନ ଆଲୋଚନା ପରେ ଯେଉଁଥିରେ ଅଂଶଗ୍ରହଣ କରିଥିଲେ, "ଗୌରଚନ୍ଦ୍ର ଦାସ, ଗୌରାଙ୍ଗ ଚରଣ ଦାସ, ସୁଧୀର ଚନ୍ଦ୍ର ଘୋଷ, ଡାକ୍ତର ନୃପେନ ସେନ, ମନମୋହନ ଚୌଧୁରୀ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ"(ପୃ ୭୦, ଅନିର୍ବାଣ, ପଦ୍ମଚରଣ ନାୟକ, ପ୍ରଥମ ସଂସ୍କରଣ, ୧୯୯୬)। ସୁରେନ୍ଦ୍ରନାଥ ଦ୍ୱିବେଦୀ ଲେଖନ୍ତି, "ଭାରତରେ କେଉଁଠି ଆରମ୍ଭ ହେବା ଆଗରୁ ଓଡ଼ିଶାରେ ଜନ୍ମ ଲଭିଲା 'ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ'। ସାମାଜିକ ଅର୍ଥନୀତିକ ବିପ୍ଳବ ଆଣିବା ହେବ ତାଙ୍କର କାର୍ଯ୍ୟ । ସମାଜବାଦୀ କର୍ମୀସଂଘ ଶପଥ ନେଲେ -ସମ୍ପ ି ମୋହ ରଖିବେ ନାହିଁ । ବ୍ୟକ୍ତିଗତ ସମ୍ପ ି ବଢ଼ାଇବା ଲାଗି କାର୍ଯ୍ୟ କରିବେ ନାହିଁ । ଏକଥାଟି ବହୁ ସଭ୍ୟ ମାନିଲେ । ସେ (*ନବବାବୁ*) ନିଜେ ଆଦର୍ଶ ଦେଖାଇଲେ ନିଜର କୃଷି ଫାର୍ମ କର୍ମୀ ସଂଘ ହାତରେ ସମର୍ପି ଦେଇ, ମାଳତୀ ଦେବୀ ଦାନ କରିଦେଲେ ତାଙ୍କର ସମସ୍ତ ଗହଣା । ସେହି ଧନରେ ବାହାରିଲା କାଗଜ 'ସାରଥି' । ଶ୍ରେଣୀ ସଂଘର୍ଷର ବା ର୍ା ବହି ପ୍ରଥମରେ ଓଡ଼ିଆ ଭାଷାରେ ଏକ ପତ୍ରିକା ପ୍ରକାଶ ପାଇଲା । ଏକ ନୂତନ ଆଲୋଡ଼ନ ସୃଷ୍ଟି ହେଲା । ନବବାବୁଙ୍କ ଚାରିକଡ଼େ ଠୁଳ ହୋଇଗଲେ ଓଡ଼ିଶାରେ କେତେ ଶିକ୍ଷିତ ଯୁବକ, ପରୀକ୍ଷିତ କର୍ମୀ; ତାଙ୍କ ମୁହଁକୁ ଲୋକେ ଅନାଇଲେ ।" (ପୃ ୧୪୧, ଅତୁଳନୀୟ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଶ୍ରଦ୍ଧାଞ୍ଜଳି, ବସ୍ତିଆ ମେମୋରିଆଲ ଟ୍ରଷ୍ଟ, ୧୯୮୪, ନଭେମ୍ବର ୨୩) ସୁରେନ୍ଦ୍ର ନାଥ ଦ୍ୱିବେଦୀ ଏହି କର୍ମୀ ସଂଘର କାର୍ଯ୍ୟକ୍ରମ ବିଷୟରେ ଲେଖନ୍ତି, "୧୯୩୩ରେ ଓଡ଼ିଶାର କଂଗ୍ରେସ ସାମ୍ୟବାଦୀ କର୍ମୀସଂଘ ସ୍ଥାପନା ପରେ ପରେ ପ୍ରଧାନ କାର୍ଯ୍ୟ ହେଲା ଚାଷୀ ସଂଗଠନ । ଜମିଦାର ମହାଜନଙ୍କ ଅତ୍ୟାଚାର ଦମନରୁ ତାଙ୍କର ମୁକ୍ତି । ତାଙ୍କ ମନରେ ସାହସ ଓ ଶ୍ରେଣୀ ଚୈତନ୍ୟ ଜାଗ୍ରତ କରିବା । ପ୍ରଥମଥର ଲାଗି ସମଗ୍ର ଓଡ଼ିଶାର ଚାଷୀ ସମ୍ମିଳନୀ ହେଲା କଟକଜିଲ୍ଲାର ବାଗଲପୁର ଗ୍ରାମରେ । ଏକ ନୂତନ ଆନ୍ଦୋଳନ, ନୂତନ ଉଦ୍‌ବେଗ । ପ୍ରଥମ ପ୍ରସ୍ତାବଟି ନବବାବୁ ପ୍ରସ୍ତୁତ କରିଥିଲେ । ତଥାକଥିତ ବିପ୍ଳବୀମାନେ ହସିପାରନ୍ତି; ପରିହାସ କରିପାରନ୍ତି । ପ୍ରସ୍ତାବଟି ହେଲା କୌଣସି ଚାଷୀ କୌଣସି ଜମିଦାର ବା ମହାଜନଙ୍କୁ ମୁଣ୍ଡିଆ ମାରିବ ନାହିଁ ; ସାଷ୍ଟାଙ୍ଗ ପ୍ରଣିପାତ କରିବ ନାହିଁ । ସିଧାସଳଖ ଛିଡ଼ା ହୋଇ ଦଣ୍ଡବତ ମାରିବ । ହାତଯୋଡ଼ି ନମସ୍କାର; ଯେମିତି ଜଣେ ଅନ୍ୟକୁ କରେ ସମାସ୍କନ୍ଧ ଭାବରେ । ଏଥିରେ ଶ୍ରେଣୀ ସଂଘର୍ଷ ନ ଥିଲା । ମାନବିକ ଅଧିକାର, ଆତ୍ମବୋଧ ଓ ଆତ୍ମବିଶ୍ୱାସ ପ୍ରତିଷ୍ଠାର ବୀଜବପନ କରାଗଲା । ଯେଉଁ ଜମିଦାରଙ୍କୁ ଲୋକେ ସାକ୍ଷାତ୍ ଦେବ ଅଂଶ ବୋଲି ମନେ କରୁଥିଲେ, ଯାହାଙ୍କ ଆଗରେ ଛତାଧରି ଯୋତା ପିନ୍ଧି ଯିବା ମନା ଥିଲା, ସେମାନେ ସାହସ ବାନ୍ଧି ଛିଡ଼ା ହୋଇ ଏଭଳି ନମସ୍କାର ଜଣାଇବା କ'ଣ କମ୍ ସାମାଜିକ କ୍ରାନ୍ତି !" (ପୃ ୧୪୦,ଅତୁଳନୀୟ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଶ୍ରଦ୍ଧାଞ୍ଜଳି, ବସ୍ତିଆ ମେମୋରିଆଲ ଟ୍ରଷ୍ଟ, ୧୯୮୪, ନଭେମ୍ବର ୨୩) ଏହା ତ ଏକ ବିଡ଼ମ୍ବନା ଯେ ୮୫ ବର୍ଷ ପରେ ଆଜି ଆମେ ସମ୍ବାଦପତ୍ରରେ ପଢୁଛୁ ଯେ କେହି ଦଳିତ ବର ଘୋଡ଼ାରେ ବସି ଯାଉଛି ତାହାହେଲେ ଉଚ୍ଚଜାତିର ସବର୍ଣ୍ଣଙ୍କ ଦ୍ୱାରା ତାକୁ ଅପଦସ୍ଥ କରାଯାଉଛି, ଏପରିକି ତା'ଉପରେ ଶାରୀରିକ ଆକ୍ରମଣ ହେଉଛି (upper caste men attack dalit groom for riding horse in Rajsthan, The Wire Staff, April 30), ଯଦିଓ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ 'ଅନିର୍ବାଣ'ର ଲେଖକ ପଦ୍ମଚରଣ ନାୟକ ମହୋଦୟ ୧୯୯୬ ମସିହାରେ ଲେଖିଥିଲେ, "ଆଜିକାଲିକାର ଯୁବକ ବିଶ୍ୱାସ କରିପାରିବେ ନାହିଁ ଯେ ମାତ୍ର ୬୦ବର୍ଷ ତଳେ ଛୋଟ, ଛୋଟ ଜମିଦାରଙ୍କ ଘର ଆଗରେ କେହି ସଫା ଲୁଗା ପିନ୍ଧି ବା ଛତା ଧରି ଯାଇପାରୁ ନଥିଲେ । ଜୋତା ପିନ୍ଧିଗଲେ ମାଡ଼ ଖାଉଥିଲେ । ଜମିଦାରଙ୍କୁ

ଦେଖିଲେ କାକୁସ୍ଥ ହୋଇ ଚାଲୁଥିଲେ .....” (ପୃ ୮୩, ଅନିର୍ବାଣ, ପଦ୍ମଚରଣ ନାୟକ, ପ୍ରଥମ ସଂସ୍କରଣ, ୧୯୯୬)। ‘ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ’କୁ ‘ଓଡ଼ିଶା କଂଗ୍ରେସ ସମାଜବାଦୀ କର୍ମୀ ସଂଘ’ ମଧ୍ୟ କୁହାଯାଇଥାଏ । କାରଣ “ସେତେବେଳେ ସମାଜବାଦ ଶବ୍ଦଟା ବ୍ୟବହାରରେ ଆସି ନଥାଏ। ସୋସାଲିଷ୍ଟ ଓ କମ୍ୟୁନିଷ୍ଟ ଉଭୟଙ୍କ ପାଇଁ ‘ସାମ୍ୟବାଦ’ ଶବ୍ଦ ଚଳୁଥାଏ ।” (ପୃ ୧୨୫, କସ୍ତୁରୀ ମୃଗସମ, ମନମୋହନ ଚୌଧୁରୀ, ମନମୋହନ ଚୌଧୁରୀ ରଚନା ସଂଗ୍ରହ-୪ର୍ଥ ଖଣ୍ଡ, ପ୍ରଥମ ସଂସ୍କରଣ ୨୦୧୧) ଓଡ଼ିଶାରେ ଏହି ସମାଜବାଦୀ ସଂଗଠନଟି ସାରା ଭାରତର ପ୍ରଥମ ସଂଗଠନ ଥିଲା ; “ଅଖିଳ ଭାରତ କଂଗ୍ରେସ ସୋସାଲିଷ୍ଟ ଦଳ ୧୯୩୪ରେ ଗଢ଼ାହେଲା। ଓଡିଶା ଦଳ ତାହା ପୂର୍ବରୁ ଗଢ଼ା ହୋଇଥିଲା ।” (ପୃ ୧୨୫, କସ୍ତୁରୀ ମୃଗ ସମ, ମନମୋହନ ଚୌଧୁରୀ, ମନମୋହନ ଚୌଧୁରୀ ରଚନା ସଂଗ୍ରହ-୪ର୍ଥ ଖଣ୍ଡ, ପ୍ରଥମ ସଂସ୍କରଣ ୨୦୧୧) ଏହି ଅଖିଳ ଭାରତ କଂଗ୍ରେସ ସୋସାଲିଷ୍ଟ ଦଳରେ ପରବର୍ତ୍ତୀ କାଳରେ ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ ନିଜକୁ ସାମିଲ କରିଦେଲା । ଏହି ଅଖିଳ ଭାରତ କଂଗ୍ରେସ ସୋସାଲିଷ୍ଟ ଦଳର ଗଠନ ଓ ସେଥିରେ ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ ସାମିଲ ହେବାକୁ ବର୍ଣ୍ଣନା କରି ଅନିର୍ବାଣରେ ପଦ୍ମଚରଣ ବାବୁ ଲେଖନ୍ତି, “୧୯୩୪ ଅକ୍ଟୋବର ୨୧ ଓ ୨୨ରେ ବମ୍ବେର ୱର୍ଲିଠାରେ ସର୍ବଭାରତୀୟ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସମ୍ମିଳନୀ ବସିଥିଲା । ସେଥିଲାଗି ସବୁ ପ୍ରଦେଶରେ ଭଣା ଅଧିକେ ଉତ୍ସାହ ଦେଖାଯାଇଥିଲା ଓ ସବୁଆଡୁ ପ୍ରତିନିଧି ଆସିଥିଲେ । ଏହି ଉଦ୍ଦେଶ୍ୟରେ ନବକୃଷ୍ଣ ଚୌଧୁରୀଙ୍କ ବାଖରାବାଦ ଘରେ ଏକ ସମ୍ମିଳନୀ ବସି ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘକୁ ସର୍ବଭାରତୀୟ କଂଗ୍ରେସ ସୋସାଲିଷ୍ଟ ପାର୍ଟିରେ ମିଶାଇ ଦେବାକୁ ସ୍ଥିର କରାଗଲା । ସେହି ପ୍ରଥମ ଅଧିବେଶନରେ ପ୍ରାଣନାଥ ପଟ୍ଟନାୟକ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଓଡିଶା ଶାଖାର ପ୍ରଥମ ସଭାପତି ଭାବରେ ନିର୍ବାଚିତ ହେଲେ । ପର ବର୍ଷ ଭଗବତୀ ପାଣିଗ୍ରାହୀ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଓଡ଼ିଶା ଶାଖାର ସମ୍ପାଦକ ହେଲେ । ୱର୍ଲି ସମ୍ମିଳନୀରୁ ଫେରି କଂଗ୍ରେସ ସୋସାଲିଷ୍ଟମାନେ ଓଡିଶାରେ ନିଜର କାର୍ଯ୍ୟକ୍ରମ ଭାବରେ ଚାଷୀ ଆନ୍ଦୋଳନ କଲେ ।” (ପୃ ୮୧, ଅନିର୍ବାଣ, ପଦ୍ମଚରଣ ନାୟକ, ପ୍ରଥମ ସଂସ୍କରଣ, ୧୯୯୬) କିନ୍ତୁ ଓଡିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ ତାହାର ଉଦ୍ଦେଶ୍ୟ ଏବଂ ପନ୍ଥାକୁ ଏହିଭଳି ବ୍ୟକ୍ତ କରିଥିଲା- “ଭାରତରେ ଏକ ମୁକ୍ତ ସାମ୍ୟବାଦୀ ସାଧାରଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ଫଳପ୍ରଦ ଭାବରେ କାର୍ଯ୍ୟ କରିବା ପାର୍ଟିର ଉଦ୍ଦେଶ୍ୟ । ଏହାର ପ୍ରାପ୍ତି ନିମନ୍ତେ ପାର୍ଟି ସକଳ ପ୍ରକାରର ନ୍ୟାୟସଙ୍ଗତ ପନ୍ଥା ଅନୁସରଣ କରିବ । ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଓ ବ୍ୟବହୃତ କ୍ରିୟାତ୍ମକ ଅହିଂସା ଓ ପ୍ରେମ ନୀତି ଅନୁସାରେ ଏହା ପରିଚାଳିତ ହେବ ।” (ପୃ ୩୩, ନବକୃଷ୍ଣ ଚୌଧୁରୀ-ଏକ ଜୀବନୀ, ଚିତ୍ତରଂଜନ ଦାସ, ୧୯୯୨, ଦି ୟୁନିଭର୍ସ) ଯାହା ପରବର୍ତ୍ତୀ କାଳ ଗଠିତ ଅଖିଳ ଭାରତ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ଘୋଷଣାଠାରୁ ବୋଧହୁଏ ଭିନ୍ନ ଥିଲା । ମନମୋହନ ଚୌଧୁରୀ ଲେଖନ୍ତି, “ମୋର ଯେତେଦୂର ମନେପଡ଼େ, ଅଖିଳ ଭାରତୀୟ ଦଳ ଗାନ୍ଧିଜୀଙ୍କର ନାମ ବ୍ୟବହାର କରି ନ ଥିଲେ କି ଅହିଂସାକୁ ଏପରି ବିଧାୟକ ଢଙ୍ଗରେ ସ୍ୱୀକାର କରି ନଥିଲେ ।” (ପୃ ୧୨୫, କସ୍ତୁରୀ ମୃଗ ସମ, ମନମୋହନ ଚୌଧୁରୀ, ମନମୋହନ ଚୌଧୁରୀ ରଚନା ସଂଗ୍ରହ-୪ର୍ଥ ଖଣ୍ଡ, ପ୍ରଥମ ସଂସ୍କରଣ ୨୦୧୧) ଚିତ୍ତରଂଜନ ଦାସଙ୍କ ମତରେ ଓଡ଼ିଶା କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘର “ପ୍ରେରଣାୟତନ ଭିତରେ ଗାନ୍ଧୀ ଅବଶ୍ୟ ଥିଲେ, ତଥାପି ଅଳପ ରହିଥିଲେ । ଗାନ୍ଧୀଙ୍କ ଅପେକ୍ଷା କାର୍ଲ ମାର୍କ୍ସ ଅଧିକ ଥିଲେ ।” (ପୃ ୩୩, ନବକୃଷ୍ଣ ଚୌଧୁରୀ-ଏକ ଜୀବନୀ, ଚିତ୍ତରଂଜନ ଦାସ, ୧୯୯୨, ଦି ୟୁନିଭର୍ସ) କିନ୍ତୁ ଏପରି ଏକ ସଂଗଠନର ସୃଷ୍ଟି ବିରୋଧରେ ପ୍ରତିକ୍ରିୟା ସମ୍ପର୍କରେ ସୁରେନ୍ଦ୍ର ଦ୍ୱିବେଦୀ ଲେଖନ୍ତି, “ମଧ୍ୟବିତ୍ତ ଶ୍ରେଣୀ ଲୋକେ ଆମକୁ ଦୋଷ ଦେଲେ-ଏ ତଳିଆ ଲୋକ ଓ ମୂଲିଆଙ୍କର ମୁହଁ ବଢ଼ିଗଲା । ସବୁ ନାରଖାର ହୋଇଯିବେ-ଅମାନିଆ ହୋଇଯିବ ସଂସାର ।”(ପୃ ୧୪୦, ଅତୁଳନୀୟ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଶ୍ରଦ୍ଧାଞ୍ଜଳି, ବସ୍ତିଆ ମେମୋରିଆଲ ଟ୍ରଷ୍ଟ, ୧୯୮୪, ନଭେମ୍ବର ୨୩) ଏହା ବିରୋଧରେ ହରେକୃଷ୍ଣ ମହତାବଙ୍କ ପ୍ରତିକ୍ରିୟା ଥିଲା ରାଜନୈତିକ, “ମୋର ସେ ସମୟରେ ଧାରଣା ହୋଇଥିଲା ଯେ, କଂଗ୍ରେସରେ ସୁବିଧାବାଦୀ ଦଳର ଆବିର୍ଭାବ ଓ ସେମାନଙ୍କ ସଂଗରେ ଗାନ୍ଧୀନୀତିକୁ ଏକ ନିର୍ଜୀବ ଅକ୍ରିୟାତ୍ମକ ବସ୍ତୁ କରି ଥୋଇ ରଖିବା ଏବଂ ଗାନ୍ଧୀବାଦୀଙ୍କ ଅହଂଭାବର ପ୍ରତିକ୍ରିୟା ରୂପେ ଏ ସାମ୍ୟବାଦୀ ଦଳର ଆବିର୍ଭାବ ହେଲା ।...ସେଥିରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ନେତୃତ୍ୱ ନେଲେ ।” (ପୃ ୩୪, ନବକୃଷ୍ଣ ଚୌଧୁରୀ-ଏକ ଜୀବନୀ, ଚିତ୍ତରଂଜନ ଦାସ, ୧୯୯୨, ଦି ୟୁନିଭର୍ସ) ମହତାବଙ୍କ ଧାରଣା ଥିଲା ଯେ “ଏମାନେ ମାର୍କ୍ସଙ୍କ ଦର୍ଶନ ଅନୁସାରେ ସାମ୍ୟବାଦୀ ନୀତିରେ ବିଶ୍ୱାସ କରି ଭାରତର ରାଜନୈତିକ ପରିସ୍ଥିତି ଦୃଷ୍ଟିରୁ କଂଗ୍ରେସକୁ ସେହି ନୀତି ଆଡକୁ ନେବାପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ ।” (ପୃ ୩୪, ନବକୃଷ୍ଣ ଚୌଧୁରୀ-ଏକ ଜୀବନୀ, ଚିତ୍ତରଂଜନ ଦାସ, ୧୯୯୨, ଦି ୟୁନିଭର୍ସ) ସାମ୍ୟବାଦୀ କର୍ମୀ ସଂଘର ଘୋଷିତ ଉଦ୍ଦେଶ୍ୟ ଓ ପନ୍ଥା ଯାହା ଥିଲା ତାହା ନିଶ୍ଚିତ ଭାବରେ ଆମ ସମାଜରେ ଥିବା ରାଜା ଜମିଦାରଙ୍କୁ ବିବ୍ରତ କରିଥିବ । ମହତାବ ତ ମୂଳତଃ ଥିଲେ ଆଗରପଡ଼ାର ଜମିଦାର

ତେଣୁ ତାଙ୍କର ଉପରୋକ୍ତ ମନ୍ତବ୍ୟ ଅପ୍ରତ୍ୟାଶିତ ନୁହେଁ । କିନ୍ତୁ କଂଗ୍ରେସ ଭିତରେ ସୃଷ୍ଟ ଏହିଭଳି ଏକ ସମାଜବାଦୀ ସଂଗଠନକୁ କେଉଁ ଦୃଷ୍ଟିରୁ 'ସୁବିଧାବାଦୀ' କୁହାଯାଇପାରେ? ଅବଶ୍ୟ କଂଗ୍ରେସ ସାମ୍ୟବାଦୀମାନଙ୍କ ବିରୋଧରେ ବହୁ ପ୍ରକାର ଅପପ୍ରଚାର ହେଉଥିଲା । ସାପ୍ତାହିକ 'କୃଷକ'ର ପ୍ରଥମସଂଖ୍ୟାରେ 'ଅହିଂସାର ଛଳନା' ଶିରୋନାମାରେ ପୁରୀରୁ ଜଣେ କଂଗ୍ରେସ କର୍ମୀ, ନିଜର ନାଁ ନଦେଇ ଲେଖିଥିଲେ, "ଏବେ ଦେଶତମାମ ଗୋଟାଏ ଦୁହା ଦିଆଯାଉଛି ଯେ, କଂଗ୍ରେସ ଭିତରେ ଦଳେ ହିଂସା ପ୍ରଚାର କରୁଛନ୍ତି । ...ବାସ୍ତବିକ ଓଡ଼ିଶାରେ କୌଣସି କୌଣସି ସମ୍ବାଦପତ୍ର ଓ ନେତୃସ୍ଥାନୀୟ ବ୍ୟକ୍ତି ମିଥ୍ୟାରେ ଗୋଟାଏ ଅବସ୍ଥା ସୃଷ୍ଟି କରି ଯେ ଅବସ୍ଥାକୁ ସୁଧାରିବାକୁ ନାନା ଭୁଲ ବାଟ ଦେଖାଉଛନ୍ତି ଏବଂ ତା ସଙ୍ଗେ ସଙ୍ଗେ ନିଜ ନିଜର ବଡ଼ିମା ଗାଇ ବୁଲୁଛନ୍ତି । କଂଗ୍ରେସ ସାମ୍ୟବାଦୀମାନେ ହିଂସା ପ୍ରଚାର କରୁନାହାନ୍ତି କି ଅନ୍ୟାନ୍ୟଙ୍କ ପରି ତୁଣ୍ଡରେ ଅହିଂସା ଅହିଂସା କହି ଅବସ୍ଥାକୁ ଜଟିଳ କରୁନାହାନ୍ତି । ସତ୍ୟ କହିବାକୁ ଗଲେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରିମଣ୍ଡଳର କାର୍ଯ୍ୟକୁ ଆଉ ଗୋଟିଏ ମନ୍ତ୍ରିତ୍ୱ ପ୍ରତି ଲୋଭାସକ୍ତ ଦଳ ଅତିରିକ୍ତ କଟୁ ସମାଲୋଚନା କରୁଛନ୍ତି, ଦେଶରେ ଜନସାଧାରଣଙ୍କ ମଧ୍ୟରେ ଗୋଟାଏ ମିଥ୍ୟା ଆଶା ଜାଗ୍ରତ କରାଇ ଅମୁକ ମନ୍ତ୍ରୀ ହୋଇଥିଲେ ସବୁ ହୋଇଯାଆନ୍ତାଣି ଗାଇ ବୁଲୁଛନ୍ତି । କଂଗ୍ରେସ ଭିତରେ ସେହି ଦଳ ପ୍ରକୃତରେ ଅସତ୍ୟ ଓ ହିଂସାର ଆଶ୍ରୟନେଇ ଅବସ୍ଥାକୁ ଜଟିଳ କରୁଛନ୍ତି । କଂଗ୍ରେସ ସାମ୍ୟବାଦୀମାନେ କୃଷକମାନଙ୍କୁ ସଂଗଠିତ ହୋଇ କଂଗ୍ରେସ ମନ୍ତ୍ରୀମାନଙ୍କ ନିକଟରେ ଦୃଢ଼ଭାବରେ ନିଜ ଶ୍ରେଣୀର ଦାବୀ ଉପସ୍ଥାପିତ କରିବାକୁ ପ୍ରଚାର କରିବା ଛଡ଼ା ଅଧିକ କିଛି କରୁନାହାନ୍ତି ।" ଜମିଦାରଙ୍କ ଦ୍ୱାରା ଅତ୍ୟାଚାରିତମାନେ ଏହି କଂଗ୍ରେସ ସାମ୍ୟବାଦୀଙ୍କ ପାଖରେ ହିଁ ଫେରାଦ ହୋଇଛନ୍ତି । ଯେପରି ତେନ୍ତୁଳିପଦାର ଜମିଦାର ବାବୁ ପୂର୍ଣ୍ଣଚନ୍ଦ୍ର ପରିଜାଙ୍କ ଅତ୍ୟାଚାର ବିରୋଧରେ ଅତ୍ୟାଚାରିତ ବ୍ୟକ୍ତିମାନେ "ଉ ୟକ୍ତ ହୋଇ ଲାଟସଭା ମେମ୍ବର ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପାଖରେ ଆପି କରିଥିଲେ ଓ ନବବାବୁ ସେ ବିଷୟରେ ତଦନ୍ତ ଚଳାଇଥିଲେ ।" (କୃଷକ, ପ୍ରଥମ ବର୍ଷ, ଚତୁର୍ଥ ସଂଖ୍ୟା, ଫେବୃଆରୀ ୩, ୧୯୩୮, ପୃ୧୦) ନବବାବୁ ସାମ୍ୟବାଦୀ ବୋଲି ତତ୍କାଳୀନ ଓଡ଼ିଶା ରାଜନୀତିରେ ପରିଚିତ ହୋଇଯାଇଥିଲେ । ତା ନ ହେଲେ 'କୃଷକ' ପତ୍ରିକାରେ କାହିଁକି ପ୍ରକାଶ ପାଆନ୍ତା "କଂଗ୍ରେସ ସଭାପତିଙ୍କ ଆଦେଶମତେ କଟକରେ ଚୀନ୍‌ଦିବସ ପାଳନ କରାଯାଇଥିଲା । ଶ୍ରୀ ସାରଙ୍ଗଧର ଦାସ ସଭାପତି ହୋଇଥିଲେ । ମଧୁସୂଦନ ମହାନ୍ତି ଓ ସାମ୍ୟବାଦୀ ନେତା ଶ୍ରୀ ନବକୃଷ୍ଣ ଚୌଧୁରୀ ବକ୍ତୃତା କରି ଚୀନ ଉପରେ ଜାପାନର ଅନ୍ୟାୟ ଆକ୍ରମଣ ବିଷୟ ବର୍ଣ୍ଣନା କରିଥିଲେ ଏବଂ ଚୀନବାସୀଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରସ୍ତାବ ରଖିଥିଲେ ।" (କୃଷକ, ପ୍ରଥମ ବର୍ଷ, ପ୍ରଥମସଂଖ୍ୟା, ଜାନୁଆରୀ ୧୩, ୧୯୩୮, ପୃ୧୧)

ତେବେ ୧୯୩୩ ମସିହା ଫେବୃଆରୀ ମାସରେ ଗଠିତ ଏହି କର୍ମୀ ସଂଘ ଦ୍ୱାରା ମଇ ପହିଲା ଦିନ ନବବାବୁଙ୍କ ସମ୍ପାଦନାରେ ବୈପ୍ଳବିକ ସାପ୍ତାହିକ ପତ୍ରିକା 'ସାରଥି' ପ୍ରକାଶ ପାଇଲା ମଇ ମାସରେ । ଏହାର ପ୍ରଥମ ପୃଷ୍ଠାରେ ରହିଲା ସମାଜବାଦର ଆହ୍ୱାନ 'ଦୁନିଆର ଶ୍ରମିକ ଏକଜୁଟ ହୁଅ'। କାହିଁକି ପତ୍ରିକାର ନାଁ 'ସାରଥି' ଦିଆଗଲା ସେ ସମ୍ପର୍କରେ ଏକ ରୋଚକ ଯୁକ୍ତି ପରିବେଷଣ କରନ୍ତି ମନମୋହନ ଚୌଧୁରୀ । ତାଙ୍କ ଭାଷାରେ, "ଏ ଦଳର ମୁଖପତ୍ର ରୂପେ ଏକ ସାପ୍ତାହିକ ପତ୍ରିକା ବାହାର କରିବାର ସ୍ଥିର ହେଲା । ଏହାର ନାମ ରଖା ହେଲା 'ସାରଥି' ମୋର ମନେ ଅଛି ଭାଗୁଭାଇ ଏ ନାଁ ଦ୍ୱାରା ଅନୁପ୍ରାଣିତ ହୋଇ ଏହାର ଆଧାତ୍ମିକ ତାତ୍ପର୍ଯ୍ୟ-ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ସାରଥୀ ଶ୍ରୀକୃଷ୍ଣ ବିଶ୍ୱମାନବର ଆଧ୍ୟାତ୍ମିକ ନେତୃତ୍ୱର ପ୍ରତୀକ- ଏହି ସବୁ ବୟାନ କରି ପ୍ରବନ୍ଧ ପାଠାଇଥିଲେ । ମାତ୍ର ଏ ନାଁ ପାର୍ଥସାରଥିଙ୍କୁ ମନରେ ରଖି ରଖା ହୋଇନଥିଲା । ସେତେବେଳେ ପତ୍ରିକା ପ୍ରକାଶନ ପାଇଁ ଅନୁମତି ନେବାକୁ ପଡୁଥିଲା ଓ ରାଜନୀତିର ଗନ୍ଧ ପାଇଲେ କର୍ତୃପକ୍ଷ ମୋଟା ଅମାନତ ଦାବି କରୁଥିଲେ । ଏସବୁ ଏଡ଼ାଇବା ପାଇଁ ଏପରି ଏକ ନାମ ବଛାଗଲା ଯେଉଁଥିରୁ ରାଜନୀତିର ଗନ୍ଧ କର୍ତୃପକ୍ଷଙ୍କୁ ନ ମିଳିବ ।" ((ପୃ ୧୨୫, କସ୍ତୁରୀ ମୃଗ ସମ, ମନମୋହନ ଚୌଧୁରୀ, ମନମୋହନ ଚୌଧୁରୀ ରଚନା ସଂଗ୍ରହ-୪ର୍ଥଖଣ୍ଡ, ପ୍ରଥମ ସଂସ୍କରଣ ୨୦୧୧) ୧୯୩୩ ମଇ ପହିଲା ଦିନ ଓଡ଼ିଶା ମାଟିରେ ପ୍ରଥମଥର ପାଇଁ ବାହାରିଲା ଶ୍ରମିକଙ୍କ ଶୋଭାଯାତ୍ରା ଓ 'ଶୁଭିଲା ଦୁନିଆର ଶ୍ରମିକ ଏକଜୁଟ ହୁଅ' । ଏହି ଦୃଶ୍ୟର ବର୍ଣ୍ଣନା କରି ଧୀରେନ୍ଦ୍ର ନାଥ ଶତପଥୀ ମହୋଦୟ ଲେଖନ୍ତି, "୧୯୩୩ ମସିହା ମେ ମାସ ପହିଲା ଦିନ 'ସାରଥି' ପତ୍ରିକା ଛାପୁଥିବା ରାଧାନାଥ ଶତପଥୀଙ୍କ ହ୍ୟାଣ୍ଡପ୍ରିିଂ ପ୍ରେସର ଦୁଇ ତିନିଜଣ ଶ୍ରମିକ, ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ପରି କେତେକ ସହଯୋଗୀ କର୍ମୀମାନଙ୍କୁ ପରିଚାଳିତ କରି ମାତ୍ର ଦଶ ପନ୍ଦର ଜଣଙ୍କର ଗୋଟିଏ ଶୋଭାଯାତ୍ରାର ପରିଚାଳନା କରିଥିଲେ ମଳିନ ବସ୍ତ୍ର ପରିହିତ ନବକୃଷ୍ଣ ଚୌଧୁରୀ । 'ମହାତ୍ମା ଗାନ୍ଧୀ କୀ ଜୟ' 'ଭାରତମାତା କୀ ଜୟ' ପରିବର୍ତେ ଏମାନଙ୍କ କଣ୍ଠରୁ ଧ୍ୱନିତ ହେଉଥିଲା 'ଦୁନିଆର ଶ୍ରମିକ ଏକଜୁଟ ହୁଅ' ।" (ପୃ ୪୮, ନବକୃଷ୍ଣ: ନିଃସ୍ୱର ସର୍ବସ୍ୱ, ଧୀରେନ୍ଦ୍ର ନାଥ ଶତପଥୀ, ଶ୍ରଦ୍ଧାଞ୍ଜଳି, ବସ୍ତିଆ ମେମୋରିଆଲ ଟ୍ରଷ୍ଟ, ୧୯୮୪, ନଭେମ୍ବର ୨୩) ଏହି ଶୋଭାଯାତ୍ରା ଗୌରୀଶଙ୍କର ପାର୍କରେ ଏକ ସଭାରେ ସମାପ୍ତ ହୋଇଥିଲା । ନବକୃଷ୍ଣ ଚୌଧୁରୀ

ମଇ ଦିବସର ମହ ୍ୱ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ । କହିବା ବାହୁଲ୍ୟ, ଚି ରଂଜନ ଦାସଙ୍କ ଭାଷାରେ, "ଏହି ଅଭିନବ ଘୋଷଣା ଯାତ୍ରା ସେ ଦିନ ଲୋକମାନଙ୍କ ମନରେ ତଥାପି ଚାଂଚଲ୍ୟ ଖେଳାଇ ଦେଇଥିବ ଓ ବିଭିନ୍ନ ପ୍ରତିକ୍ରିୟା ମଧ୍ୟ ସୃଷ୍ଟି କରିଥିବ ।" (ପୃ ୩୪, ନବକୃଷ୍ଣ ଚୌଧୁରୀ-ଏକ ଜୀବନୀ, ଚି ରଂଜନ ଦାସ, ୧୯୯୨, ଦି ୟୁନିଭର୍ସ) ।

ତେଣୁ ଆଜି ଯେତେବେଳେ 'ହମ ସମାଜବାଦୀ ସଂସ୍ଥାଏ' ର ମଂଚରୁ 'ସମ୍ବିଧାନ ବଚାଓ, ଦେଶ ବଚାଓ' ବୋଲି ଆହ୍ୱାନ ଉଠୁଛି, ଓ ଜୁନ ୧୭,୨୦୧୮ ଦିନ ଭୁବନେଶ୍ୱରସ୍ଥିତ ସମାଜବାଦୀ ସଂସ୍ଥା ଲୋହିଆ ଏକାଡେମୀର ପ୍ରେକ୍ଷାଳୟରେ ଏହି ଆହ୍ୱାନ ଉପରେ ଏକ ମୂଲ୍ୟବାନ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି, ସେତେବେଳେ ଓଡିଶାରେ ଆବିର୍ଭୂତ ଭାରତର ଏହି ପ୍ରଥମ ସମାଜବାଦୀ ସଂସ୍ଥାଟିକୁ ସ୍ମରଣ କରିବାର ଆବଶ୍ୟକତା ଅଛି ।